## କାଠ ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଫେରାର

ବୁଗୁଡ଼ା,୧୭।୫(ଡି.ଏନ.ଏ.)-ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ସାନଖୋଲି ନିକଟରେ କାଠ ବୋଝେଇ ଟ୍ରାକ୍ଟରକୁ ବନ ବିଭାଗ ବିଭାଗ ପକ୍ଷରୁ ଜବତ କରାଯାଇଛି। ଗତ ସୋମବାର ରାତିରେ କାଠ ବୋଝେଇ ଟ୍ରାକ୍ଟରଟି ଯାଉଥିବା ବେଳେ ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ବନପାଳ ସୁନିତା ପାତ୍ର ଓ ଅଭିରାମ ଖିଲ, ସୁବ୍ରତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଗୌଡ ଓ ଅସ୍ୱଦ୍ ବିବି ପ୍ରମୁଖ ପହଞ୍ଚି ୨୪ ଘନଫୁଟ ଫାସି କାଠ ସହ ଟ୍ରାକ୍ଟରଟିକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଜଣକ ଫେରାର୍ ହୋଇଯାଇଛନ୍ତି। ଏ ନେଇ ବୁଗୁଡା ବନବିଭାଗ ୟୁଡି କେସ୍ ନଂ. ୧/୨୨-୨୩ରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀଙ୍କ ଠାରୁ ପ୍ରକାଶ।

**ସଂକ୍ଷେପରେ**

## ପୋଖରୀରେ ବୁଡି ବୃଦ୍ଧ ମୃତ

ହିଞ୍ଜିଳିକାଟୁ, ୧୭।୫(ଡି.ଏନ.ଏ.)- ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବୁରୁପଡ଼ା ଗାଁ ବେଲ ପୋଖରୀରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଜବତ କରିଛି। ସେ ହେଲେ ବୁରୁପଡ଼ା ପ୍ରଧାନ ସାହିର କାମ୍ପ ପ୍ରଧାନ (୭୦)। ମଧ୍ୟାହ୍ନରେ କାମ୍ପ ପୋଖରୀକୁ ଗାଧୋଇବାକୁ ଯାଇ ଫେରି ନଥିଲେ। ସନ୍ଧ୍ୟାରେ ସେହି ଗ୍ରାମର କିଛି ବ୍ୟକ୍ତି କାମ୍ପଙ୍କୁ ପୋଖରୀରେ ଭାସୁଥିବା ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର ଅଧିକାରୀମାନେ ଆସି ପୋଖରୀରୁ କାମ୍ପଙ୍କୁ ବାହାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ କାମ୍ପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ରାଇସ ମିଲ ମୋଟର ଚୋରି ଘଟଣାରେ ୩ ଗିରଫ

ଗୋପାଳପୁର,୧୭।୫(ଡି.ଏନ.ଏ.)- ରାଇସ ମିଲ ମୋଟର ଚୋରି କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ମଙ୍ଗଳବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡୁରା ଗ୍ରାମର ଆଦିତ୍ୟ ବେହେରା, ସୁନୀଲ ବେହେରା ଓ ପୂର୍ଣ୍ଣଚନ୍ଦ୍ର ବେହେରା। ଏହି ଥାନା ଅନ୍ତର୍ଗତ ଡୁରା ଗ୍ରାମର ସମ୍ୟଶ୍ରୀ ସାହୁଙ୍କ ରାଇସ ମିଲରେ ଗତ ୧୪ ତାରିଖ ରାତିରେ ଦୁର୍ବୃତ୍ତମାନେ କାଠ କବାଟ ଭାଙ୍ଗି ଏକ ମୋଟର ଚୋରି କରି ନେଇଥିଲେ। ପରଦିନ ସାହୁ ମିଲକୁ ଆସି ଦେଖିଲା ବେଳକୁ ମୋଟର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୬/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ମଙ୍ଗଳବାର ଡୁରା ଗ୍ରାମ ଡୁଟା ସାହିରେ ଆଦିତ୍ୟ, ସୁନୀଲ ଓ ପୂର୍ଣ୍ଣ ଥିବା ବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଏଥିସହ ଉକ୍ତ ମୋଟରକୁ ବିକ୍ରି କରିବା ପାଇଁ ଗ୍ରାମରେ ଥିବା ଏକ ପୋଖରୀ ନିକଟ ବୁଦାରୁ ପୋଲିସ ଜବତ କରିଛି।

## ୧୦ ଟ୍ରାକ୍ଟର ଜବତ, ୧୧ ଗିରଫ

ଆସିକା,୧୭।୫(ଡି.ଏନ.ଏ)-ଆସିକା ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଗ୍ରାମ ନିକଟରୁ ବେଆଇନ ଭାବେ ମାଟି ଚାଲାଣ ବେଳେ ମଙ୍ଗଳବାର ପୋଲିସ ୧୦ ଟ୍ରାକ୍ଟର ସହ ଗୋଟିଏ ଜେସିବି ମେଶିନ ଜବତ କରିଛି । ଏହି ମାମଲାରେ ୧୧ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୧୦ଜଣ ସମ୍ପୃକ୍ତ ଗାଡିର ଚାଳକ ରହିଥିଲା ବେଳେ ଜମି ମାଲିକ ପି. ସାର୍କିଲି ପାତ୍ର ଅଛନ୍ତି। ତେବେ ଅନ୍ୟଜଣେ ଅଭିଯୁକ୍ତ ଜମି ମାଲିକ ଓ ବିଲ୍‌ଡର ସ୍ମିତିରଞ୍ଜନ ସାହୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୨୩୬/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଧରାକୋଟ,୧୭।୫(ଡି.ଏନ୍.ଏ.)- ଧରାକୋଟ ବ୍ଲକ ସଭାଗୃହରେ ଡେନିଷ ବେହେରାଙ୍କ ସଭାପତିତ୍ୱରେ ମଙ୍ଗଳବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଉପାଧକ୍ଷ ମନୋଜ କୁମାର ସାହୁ ଉପସ୍ଥିତ ରହି ବରଦବାଲି ପଞ୍ଚାୟତର ୧୨୮ଜଣ ବୃଦ୍ଧ, ବୃଦ୍ଧା, ବିଧବା, ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନା ମାଧମରେ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ରବୀନ୍ଦ୍ର ଘୋଷ, ପୂର୍ବତନ ସରପଞ୍ଚ ପ୍ରଦୀପ ବିଶୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

# କମୁଛି ଧାନଚାଷ, ବାହାର ରାଜ୍ୟମୁହାଁ ଚାଷୀ

ଛତ୍ରପୁର,୧୭।୫(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଦିନକୁ ଦିନ ଧାନଚାଷ କମିବାରେ ଲାଗିଛି। ଜଳସେଚନ ଅଭାବ, ଅଭାବୀ ଧାନବିକ୍ରି, ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ, ସାର ଓ ଚାଷୀ ଚାହୁଁଥିବା ବିହନ ମିଳୁ ନ ଥିବା ଏହାର କାରଣ ବୋଲି କୁହାଯାଉଛି। ଏଥିଯୋଗୁ ଲକ୍ଷାଧିକ ଚାଷୀ ଚାଷ କାର୍ଯ୍ୟରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟମୁହାଁ ହେବାକୁ ବାଧ ହେଲେଣି। ଭାଗ ଚାଷୀଙ୍କ ସମସ୍ୟା ନ କହିଲେ ଭଲ। ପ୍ରତିବର୍ଷ ଧାନର ଅଭାବୀ ବିକ୍ରି ହେବା ଓ ସମସ୍ତଙ୍କ ଧାନ ସରକାର କିଣୁ ନ ଥିବାରୁ ଚାଷୀମାନେ ଋଣ ବୋଝରେ ପେଷି ହୋଇଗଲେଣି। ଜିଲାରେ ପ୍ରତିବର୍ଷ ପୂର୍ବ ବର୍ଷ ତୁଳନାରେ ଅଧିକ ଧାନ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ଲାନ କରାଯାଇଥାଏ। ମାତ୍ର କିଛି ବର୍ଷ ହେଲା ଏହା ବଢୁ ନଥିବା ଦେଖିବାକୁ ମିଳୁଛି । ଏପରିକି ଗତବର୍ଷଠାରୁ ଚଳିତ ବର୍ଷ ଜିଲାରେ କମ୍ ଧାନ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଯୋଜନା ହୋଇଥିବା ଜଣାପଡିଛି ।

ମିଳିଥିବା ସୂଚନା ଅନୁସାରେ, ଚଳିତ ୨୦୨୨-୨୩ ଖରିଫ ଋତୁରେ ଜିଲାର ୧ ଲକ୍ଷ ୭୦ ହଜାର ୩୨୮ ହେକ୍ଟର ଜମିରେ ଚାଷୀ ଯୋପରି ଧାନଚାଷ କରିବେ କୃଷି ବିଭାଗ ଯୋଜନା କରିଛି। ଗତ ୨୦୨୧ରେ ଜିଲାର ୧ ଲକ୍ଷ ୯୯ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ଅପରପକ୍ଷରେ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ଦିଆଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨-୨୩ ରେ ୪୨,୬୨୭ ହେକ୍ଟର ଜମିରେ ଅନ୍ୟ ଶସ୍ୟ ଜାତୀୟ ଫସଲ, ୫୦୬୭୭ ହେକ୍ଟରରେ ଡାଲି ଜାତୀୟ, ୨୩୧୭୬ ହେକ୍ଟରରେ ତୈଳ ଜାତୀୟ ଫସଲ, ୧ ଲକ୍ଷ ୫ ହଜାର ୮୬୩ ହେକ୍ଟରରେ ପରିବା, ୯୧୦୫ ହେକ୍ଟରରେ ତନ୍ତୁ ଜାତୀୟ, ୪୩୬୬ ହେକ୍ଟରରେ ମସଲା ଜାତୀୟ, ୨୬୭୫ ହେକ୍ଟରରେ ଆଖୁଚାଷ ପାଇଁ ଯୋଜନା କରାଯାଇଛି । ତେବେ ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଅନ୍ୟ ଶସ୍ୟ ଜାତୀୟ, ଡାଲି ଜାତୀୟ, ତୈଳ ଜାତୀୟ, ପନିପରିବା ଓ ତନ୍ତୁ ଜାତୀୟ ଫସଲ ପାଇଁ କୃଷି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଜିଲାରେ ଧାନ ବିକିବା ପାଇଁ ଚାଷୀ ସରକାରଙ୍କ ନିକଟରେ ଆଗୁଆ ପଞ୍ଜୀକରଣ କରିଥାନ୍ତି। ଏପଟେ ପ୍ରତି ବର୍ଷ ପାଖାପାଖି ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ସରକାର ଧାନ କିଣୁନାହାନ୍ତି। ଧାନଚାଷରୁ ଚାଷୀ ମୁହଁ ଫେରାଇବା ଆଉ ଏକ କାରଣ ବୋଲି ଋଷିକୂଲ୍ୟା ରୟତ ମହାସଭା ର ସମ୍ପାଦକ ସିମାଞ୍ଚଳ ନାହାକ କହିଛନ୍ତି। ଗତବର୍ଷ ଜିଲାର ପଞ୍ଜୀକୃତ ୪୬ ହଜାର ଚାଷୀଙ୍କ ଠାରୁ ସରକାର ଧାନ କିଣି ନ ଥିବାବେଳେ ଚଳିତ ବର୍ଷ ୨୬ ହଜାର ଚାଷୀଙ୍କ ଠାରୁ ଧାନ କିଣାଯାଇ ନ ଥିବା ସରକାରୀ ତଥ୍ୟ କହୁଛି।

## କିସ୍ ପକ୍ଷରୁ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ



ଏଜେଓ ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ କର୍ମକର୍ତ୍ତା, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ।

ଫୁଲବାଣୀ ଅଫିସ, ୧୭।୫

କନ୍ଧମାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର କିସ୍ ପକ୍ଷରୁ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆମେ ସମସ୍ତେ ଜୀବନରେ କିଛି ଦେଇ ଶିଖିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଜୀବନରେ ସାଧ ମତେ ଅନ୍ୟମାନଙ୍କୁ କିଛି ସାହଯ୍ୟ ହେଉ ଅବା ଉପହାର ଦେବାକୁ ସମସ୍ତେ ଚେଷ୍ଟା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଫୁଲବାଣୀ ପୌର ପରିଷଦ ଅଞ୍ଚଳର ପୋଲିସ ଉଚ୍ଚ ବିଦ୍ୟାଳୟ, ଏଜେଓ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ବାଳାଶ୍ରମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିସ୍ ପକ୍ଷରୁ ପିଲାମାନଙ୍କୁ ପେନ, ବିସ୍କୁଟ ଆଦି ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା । ଜିଲା କିସ୍ ସହକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗିରଥି ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ, ସତ୍ୟବାନ ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଜାତୀୟ ମନିଟରିଂ ଟିମର ବିଭିନ୍ନ ପଞ୍ଚାୟତ ପରିଦର୍ଶନ

ଆର.ଉଦୟଗିରି, ୧୭।୫(ଡି.ଏନ୍.ଏ.)



ଜାତୀୟ ମନିଟରିଂ ଟିମ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ।

ଗଜପତି ଜିଲାକୁ ଜାତୀୟ ମିନିଟରିଂ ଟିମ୍ ଲିଡର ୬ ଦିନିଆ ଗସ୍ତରେ ଆସି ଶନିବାର ଓ ରବିବାର ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ। ଜାତୀୟ ମନିଟରିଂ ଟିମ୍ ଲିଡର ଡ. ଏସ୍. ଦୟାକର ରେଡ୍ଡୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ବିଶେଷକରି ଗଜପତି ଜିଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପୋଖରୀ, ରୁରାଲ ହାଉସିଂ, ଜଙ୍ଗଲ ବିଭାଗ ତରଫରୁ କରାଯାଇଥିବା ଚାରାରୋପଣ, ଚେକ୍‌ଡ୍ୟାମ, ଏମ୍‌ଜିଏନ୍‌ଆରଇଜିଏସ୍ କାମ, ପଥରପ୍ୟାଚିଂ, କାଜୁ ବନୀକରଣ ଆଦି ଉନ୍ନୟନ ଯୋଜନାଗୁଡିକ ବୁଲି ଦେଖିଥିବା ସହ ବିରିକୋଟ, କର୍ଚବାଡି, ଲିଲିଗଡ ଗ୍ରାମପଞ୍ଚାୟତ ପରିଦର୍ଶନ କରିଥିଲେ। ଏହି ସମୟରେ ହିତାଧିକାରୀମାନଙ୍କ ଜବ୍ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କାର୍ଡ, ବ୍ୟାଙ୍କ ପାସ୍‌ବୁକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସବୁ ତଦାରଖ କରିଥିଲେ। ଜାତୀୟ ମନିଟରିଂ ଟିମ୍ ଲିଡରଙ୍କ ଏହି ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାଏକ ଏବଂ ସ୍ଥାନୀୟ ବିଡିଓ ତପସ୍ୱିନୀ ହାଁସଦା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଖଗେଶ୍ୱର ଭୂୟାଁ, ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ରୋଜଗାର ସେବକଙ୍କ ସମେତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତୁମୁଡିବନ୍ଧରେ ଆର୍ଟ ଅଫ୍ ଗିଭିଂ

ତୁମୁଡିବନ୍ଧ,୧୭।୫(ଡି.ଏନ.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ମା' ଭୈରବୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ୯ତମ ଆର୍ଟ ଅଫ ଗିଭିଂ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରାଜୀବ ପାତ୍ର, ତୁମୁଡିବନ୍ଧ ବ୍ଲକ ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ସାହୁ, ବ୍ଲକ ଅଧକ୍ଷା ବାସନ୍ତି ମାଝୀ, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ତୁମୁଡିବନ୍ଧ ଯୁବ ନେତା ଜିସାୟ ମଣ୍ଡଳ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଶତପଥୀ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବାଣ୍ଟିଥିଲେ। ଏହାପରେ ମୁଣ୍ଡିଗଡ଼ ମା ଭୈରବୀ ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀମାନଙ୍କୁ ନେଇ ଆର୍ଟ ଅଫ ଗିଭିଂ ବିଷୟରେ ଏକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ବିଧାୟକ କହଁର କହି ଏହା ଆମ ପ୍ରିୟ କନ୍ଧମାଳ ସାଂସଦ ତଥା କିସ ଓ କିଟ ନିର୍ମାତା ଡ. ଅଚ୍ୟୁତ ସାମନ୍ତ ୨୦୧୩ ମଇ ୧୭ରେ ଆରମ୍ଭ କରିଥିଲେ। ଚଳିତ ବର୍ଷ ଏହି ଆର୍ଟ ଅଫ ଗିଭିଂର ବିଷୟ ବସ୍ତୁ ଆଶା-ଆନନ୍ଦ ଓ ସମ୍ପ୍ରୀତି ରହିଛି ବୋଲି କହିଛନ୍ତି। ଏହା ପରେ ଉପସ୍ଥିତ ଛାତ୍ରୀମାନଙ୍କୁ ଖାତା, କଲମ ଓ ବିସ୍କୁଟ ବାଣ୍ଟି ଥିଲେ । ଏହି କାର୍ଯ୍ୟକ୍ରମକୁ ତୁମୁଡିବନ୍ଧ ଏମ୍‌ପିଙ୍କ ବ୍ଲକ ସଂଯୋଜକ ଦୀପକ କୁମାର ପରାସେଠ ପରିଚାଳନା କରଥିଲେ।

## ରାଜ୍ୟରାଣୀ ଟ୍ରେନ୍‌ରେ ୟୁଟିଏସ୍ ଟିକେଟ ବିକ୍ରି ଦାବି

ପାରଳାଖେମୁଣ୍ଡି, ୧୭।୫(ଡି.ଏନ୍.ଏ.)

କୋଭିଡ ନିୟମ କୋହଳ ହେବା ପରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ରେଳ ମନ୍ତ୍ରଣାଳୟ କିଛି ବିଶେଷ ଟ୍ରେନ୍‌ରେ ସଂରକ୍ଷିତ ଟିକେଟ ସହ ଅଣସଂରକ୍ଷିତ ଟିକେଟ ପ୍ରଚଳନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ପୁରୀ-ଗୁଣୁପୁର-ବିଶାଖାପାଟଣା-ଗୁଣୁପୁର ସମେତ ଅନେକ ଟ୍ରେନ୍‌ରେ ଅଣସଂରକ୍ଷିତ ଟିକେଟର ବ୍ୟବସ୍ଥା ରହିଛି। କିନ୍ତୁ ପ୍ରତିଦିନ ପାରଳାଖେମୁଣ୍ଡି ଦେଇ ଯାତାୟାତ କରୁଥିବା ଗାଡି ନମ୍ବର ୧୮୧୧୭ ଓ ୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଟ୍ରେନ୍‌ରେ ଅଣସଂରକ୍ଷିତ ଟିକେଟ ବ୍ୟବସ୍ଥା ନାହିଁ। ଭୁବନେଶ୍ୱର, ରାଉରକେଲା ଯିବା ପାଇଁ ଏହା ହେଉଛି ଏକମାତ୍ର ଟ୍ରେନ, ଯାହା ଉପରେ ଅଞ୍ଚଳର ହଜାର ହଜାର ସଂଖ୍ୟକ ଯାତ୍ରୀ ନିର୍ଭର କରନ୍ତି। କିନ୍ତୁ ସଂରକ୍ଷିତ କାଉଣ୍ଟର ପାରଳାଖେମୁଣ୍ଡି ଷ୍ଟେଶନରୁ ୩ କିମି ଦୂରରେ ଥିବାରୁ ଟିକେଟ କିଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ଅଧିକାଂଶ ଯାତ୍ରୀ ବିନା ଟିକେଟରେ ଯାତ୍ରା କରିବା ପାଇଁ ବାଧ ହେଉଛନ୍ତି । ଏହାର ସୁଯୋଗ ନେଇ ଟିକେଟ ଯାଞ୍ଚ ଅଧିକାରୀମାନେ ମାଲାମାଲ ହେଉଛନ୍ତି। ଅନ୍ୟପଟେ ରେଳ ବିଭାଗ ବହୁତ କିଛି ରାଜସ୍ୱ ହରାଉଛି। ତେଣୁ ରାଜ୍ୟରାଣୀ ଟ୍ରେନ୍‌ରେ ୟୁଟିଏସ ତଥା ଅଣସଂରକ୍ଷିତ ଟିକେଟ ବିକ୍ରି ବ୍ୟବସ୍ଥା ଓ ୩ କିମି ଦୂରରେ ଥିବା ସଂରକ୍ଷିତ କାଉଣ୍ଟରକୁ ରେଳଷ୍ଟେଶନ ପରିସରକୁ ସ୍ଥାନାନ୍ତର କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଛି।

# ଗଞ୍ଜାମ ଷ୍ଟେଶନରେ ରେଳରୋକୋ

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର



ଗଞ୍ଜାମ ରେଳ ଷ୍ଟେଶନରେ ଅଞ୍ଚଳବାସୀଙ୍କ ରେଳରୋକୋ ।

ଗଞ୍ଜାମ,୧୭।୫(ଡି.ଏନ.ଏ.)

ପୁରୀ-ତିରୁପତି ଏବଂ ହିରାଖଣ୍ଡ ଦ୍ରୁତଗାମୀ ଟ୍ରେନ୍ ରହଣି ଦାବିନେଇ ଗଞ୍ଜାମ ରେଳଷ୍ଟେଶନରେ ମଙ୍ଗଳବାର ଗଞ୍ଜାମ ଅଞ୍ଚଳବାସୀଙ୍କ ପକ୍ଷରୁ ରେଳରୋକୋ କରାଯାଇଥିଲା। ଭୋରରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ହିରାଖଣ୍ଡ ଏକ୍ସପ୍ରେସ ଟ୍ରେନ୍‌କୁ ଶତାଧିକ ଅଞ୍ଚଳବାସୀ ରେଳଷ୍ଟେଶନରେ ପହଞ୍ଚି ଅଟକାଇଥିଲେ। ଉକ୍ତ ସମୟରେ ଖୋର୍ଦ୍ଧା ଡିଭିଜନ ରେଳ ବିଭାଗୀୟ ଅଧିକାରୀ ବ୍ରହ୍ମପୁର ରେଳ ସୁରକ୍ଷା ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ପ୍ରଶାସନ ଲୋକଙ୍କୁ ବୁଝାଇ ଷ୍ଟେଶନରେ ଉକ୍ତ ଟ୍ରେନ ଦ୍ୱୟ ରହଣି ନେଇ ପ୍ରତିଶ୍ରୁତି ଦେବାପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଜୁନମାସ ପ୍ରଥମ ସପ୍ତାହରେ ଉଭୟ ଟ୍ରେନ୍ ଗଞ୍ଜାମ ରେଳ ଷ୍ଟେଶନରେ ରହଣି ନେଇ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ସୂଚନାଥାଉକି, ପୂର୍ବରୁ ଗଞ୍ଜାମ ରେଳ ଷ୍ଟେଶନରେ ଉଭୟ ଦ୍ରୁତଗାମୀ ଟ୍ରେନ୍ ରହଣିଦାବି ନେଇ ଏକ ଦାବିପତ୍ର ଖୋର୍ଦ୍ଧା ଡିଆର୍‌ଏମ୍‌ଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରେଳ ବିଭାଗୀୟ ଅଧିକାରୀ ଡିଭିଜିନାଲ କମର୍ସିଆଲ ମ୍ୟାନେଜର ଗିରିଷ ଚନ୍ଦ୍ର ନାୟକ, ବ୍ରହ୍ମପୁର ଜିଆର୍‌ପି ଅଧିକାରୀ ଏସ୍‌ଡିଆର୍‌ପି ଓ ଚନ୍ଦ୍ର ଶେଖର ସାହୁ, ଜିଆର୍‌ପି ଅଧିକାରୀ ଜ୍ୟୋତିରଞ୍ଜନ ନାୟକ, ଆର୍‌ପିଏଫ ଅଧିକାରୀ ଡି.ସି ନାୟକ, ବ୍ରହ୍ମପୁର ରେଳ ବିଭାଗୀୟ ସିସିଆଇ ମୋହନଚନ୍ଦ୍ର ବେହେରା, ଛତ୍ରପୁର ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ, ଗଞ୍ଜାମ ଏସଆଇ ଅଜିତ କୁମାର ପରିଡା ପ୍ରମୁଖ ରେଳ ବିଭାଗୀୟ ଓ ପୋଲିସ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ଉଭୟ ଟ୍ରେନ୍ ରହଣି ନେଇ ପ୍ରତିଶ୍ରୁତି ଦେଇଥିଲେ। ରେଳରୋକକୁ ନେଇ ଗଞ୍ଜାମ ସହରରେ ରାଜନୀତି ଜୋର ଧରିଛି।

# ଜି.ଉଦୟଗିରିରେ ଭାଗବତ ସପ୍ତାହ

ଜି.ଉଦୟଗିରି, ୧୭।୫(ଡି.ଏନ.ଏ.)

ଜି.ଉଦୟଗିରି ଜଗନ୍ନାଥ ମନ୍ଦିର ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି ଭାଗବତ ସପ୍ତାହ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ଆୟୋଜିତ ଭାଗବତ ସପ୍ତାହ କାର୍ଯ୍ୟକ୍ରମରେ କୁରାଳର ବରିଷ୍ଠ କଥାବାଚକ ଶୁକଦେବ ମହାରଣା ଭାଗବତ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସଂଗୀତକାର କୃଷ୍ଣ ଚନ୍ଦ୍ର ମାଝୀ, ଯୁଗଳ କିଶୋର ସଂଗୀତରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ଅଶୋକ କୁମାର ପାତ୍ର, ରାଜେନ୍ଦ୍ର ମହାପାତ୍ର, ଅଶ୍ୱିନୀ କୁମାର ପାତ୍ର, ଅଚ୍ୟୁତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ସଫା ହେଲା ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ ନର୍ଦ୍ଦମା

ନୂଆଗଡ,୧୭।୫



ନର୍ଦ୍ଦମା ସଫା କରାଯାଉଛି ।

ନୂଆଗଡ ବ୍ଲକ ଖଜୁରିପଦା ଛକ ଏକ ପ୍ରମୁଖ ବ୍ୟବସାୟିକ ପ୍ରାଣକେନ୍ଦ୍ର ତଥା ଗମନାଗମନର ମୁଖ୍ୟ କେନ୍ଦ୍ରସ୍ଥଳ। ଆର.ଉଦୟଗିରି, ମୋହନା, ଗୁମ୍ମା, ରାୟଗଡ଼ ଓ ନୂଆଗଡ଼ ବ୍ଲକର ଜନସାଧାରଣ ବିଭିନ୍ନ କାମ ନେଇ ଏହି ଛକ ଉପରେ ନିର୍ଭର କରନ୍ତି। ଜାତୀୟ ରାଜପଥ ଏହି ଗାଁ ଦେଇ ଯାଇଛି। ସମସ୍ତ ସରକାରୀ, ବେସରକାରୀ ପ୍ରଶାସନିକ ଅଧିକାରୀ ଏବଂ ସାଧାରଣ ଲୋକେ ଏହି ମୁଖ୍ୟରାସ୍ତା ଦେଇ ଯାତାୟାତ କରିଥାନ୍ତି। ବର୍ତ୍ତମାନ ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ ଥିବା ନର୍ଦ୍ଦମାଗୁଡିକୁ ସଫା କରାଇବା ସହ ଗ୍ରାମର ଚତୁର୍ପାଶ୍ୱରେ ପଡିଥିବା ଆବର୍ଜନାଗୁଡିକୁ ସଫା କରାଯାଉଛି। ପୂର୍ବରୁ ଅନେକ ଥର ପୂର୍ବତନ ସରପଞ୍ଚ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଅଞ୍ଚଳବାସୀ ଅଭିଯୋଗ କରିଥିବା ଏବଂ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇନଥିବା ସୂଚନା ରହିଛି। ଗାଁ ପରିମଳକୁ ନେଇ ଅନେକ ଥର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ତଥାପି ପ୍ରଶାସନ ନିଦାବିଷ୍ଟ ସାଜି ରହିଥିଲା। ଧରିତ୍ରୀରେ ଖବର ପ୍ରକାଶିତ ହେଲା ପରେ ପ୍ରଶାସନର କିଛି ତତ୍ପରତା ଦେଖିବାକୁ ମିଳିଥିଲା। ପ୍ରଶାସନ ଦ୍ୱାରା ପୂର୍ବରୁ କିଛି ଅଂଶ ଗାଁ ବାହାରେ ଜେସିବି ସାହାଯ୍ୟରେ ସଫେଇ କାର୍ଯ୍ୟ କରାଯାଇଥିଲା ସତ, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଥିଲା। ବର୍ତ୍ତମାନ ନବ ନିର୍ବାଚିତ ସରପଞ୍ଚ ନିର୍ବାଚନ ପୂର୍ବରୁ ଯାହା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ, ତାହା ପାଳନ କରୁଛନ୍ତି। ଏନେଇ ସରପଞ୍ଚ ସଣ୍ଟୁ ମଣ୍ଡଳଙ୍କୁ ପଚାରିବାରୁ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା କରିବା ମୋର ପ୍ରଥମ କର୍ତ୍ତବ୍ୟ ବୋଲି କହିଛନ୍ତି।

# ବିଧାୟକଙ୍କ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଦାରିଙ୍ଗବାଡ଼ି,୧୭।୫(ଡି.ଏନ.ଏ)



ବିଧାୟକ ସାଲୁଗା ପ୍ରଧାନ ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ।

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତର ଜଗନ୍ନାଥ ମନ୍ଦିର ଏବଂ ମା' ପାଟଖଣ୍ଡା ମନ୍ଦିର ପରିସର ମଧ୍ୟରେ ଦୁଇଟି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ୧୦ ନଂ. ଜୋନ ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ସିମନବାଡ଼ି ସମିତିସଭ୍ୟ ସାଧୁ ନାୟକ, ଡାଏବ ସରପଞ୍ଚ ଏସ୍. ସୁନିଲ କୁମାର ସୁବୁଦ୍ଧି, ଦାରିଙ୍ଗବାଡ଼ି ସରପଞ୍ଚ ଚନ୍ଦ୍ରିକା ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଦୁଇଟି ପ୍ରକଳ୍ପର ମୂଲ୍ୟ ୨୦ଲକ୍ଷ ଟଙ୍କା ବିନିମୟରେ ସ୍ଥାନୀୟ ଲୋକଙ୍କ ସାମାଜିକ କାର୍ଯ୍ୟରେ ବ୍ୟବହାର କରାଯିବା ପାଇଁ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଉଛି ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅମିତା ପ୍ରଧାନଙ୍କୁ ଡକାନଯିବା ଏବଂ ତାଙ୍କ ନାମ 'ନାମ ଫଳକ'ରେ ଉଲ୍ଲେଖ କରାନଯିବା ନେଇ ଚର୍ଚ୍ଚା ଜୋର ଧରିବା ସହ ଏହାକୁ ନିନ୍ଦା ମଧ୍ୟ କରାଯାଇଛି। ବିଧାୟକ ମଧ୍ୟ ଆୟୋଜନ କମିଟି ଉପରେ ଏନେଇ ବିରକ୍ତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର, କନିଷ୍ଠ ଯନ୍ତ୍ରୀ ତୁଷାର ସେଠୀ, ଗ୍ରାମର ଦୁଇଟି ମନ୍ଦିର ପରିଚାଳନା କମିଟିର କେଦାରନାଥ ସାହୁ, ଏ. ପ୍ରକାଶ ରାଓ ସୁବୁଦ୍ଧି, ସରୋଜ ସାହୁ, ବିନୋଦ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ପ୍ରଧାନ, ଅଶୋକ ବେହେରା, ଆଶୁତୋଷ ସାହୁ, ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଅବ୍ୟବସ୍ଥାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ପାରଳାଖେମୁଣ୍ଡି,୧୭।୫(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସହରର ଭଣ୍ଡାରୀ ସାହିଠାରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ପରିଚାଳିତ ହେଉଥିବାର ଅଭିଯୋଗ ହୋଇଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସହରର ପ୍ରାୟ ୫ରୁ ଊର୍ଦ୍ଧ୍ୱ ୱାର୍ଡର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ବହୁ ପୁରାତନ କାଳରୁ ଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ କିଛି ବର୍ଷ ହେଲା ନବକଳେବର କରାଯାଇଥିଲେ ମଧ ଉପଯୁକ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ତଥା ଷ୍ଟାଫଙ୍କ ଅଭାବ ରହିଛି। ଦୈନନ୍ଦିନ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ଅଞ୍ଚଳବାସୀ ଚିକିତ୍ସିତ ହେଉଥିବା ବେଳେ ଡାକ୍ତରଙ୍କ ଅନୁପସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ମଧ ଏପରି ଅବସ୍ଥା ଦେଖିବାକୁ ମିଳୁଥିଲା। ସୂଚନାଯୋଗ୍ୟ, ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ସ୍ଥାୟୀ ଡାକ୍ତରଙ୍କ ମୃତ୍ୟୁ ଘଟିଥିଲା।





ପାରଳାଖେମୁଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଏହା ପରେ ଏଠାରେ କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନଥିଲା। ହେଲେ ଏଠାରେ ସେତେବେଳେ କୋଟେଶ୍ୱର ରାଓ ନାମକ କାର୍ଯ୍ୟରତ ଫାର୍ମାସିଷ୍ଟ ରହିଥିଲେ। ତାଙ୍କର ବହୁ ଅଭିଜ୍ଞତା ରହିଥିବାରୁ ସେ କୌଣସିମତେ ପରିଚାଳନା କରୁଥିଲେ ମଧ ୫ବର୍ଷ ପୂର୍ବେ ଅବସର ଗ୍ରହଣ କରିଥିଲେ । ଏହା ପରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇପଡିଥିଲା, ଯାହାକୁ ନେଇ ଅଞ୍ଚଳ ତଥା ସହରବାସୀ ତୀବ୍ର ପ୍ରତିବାଦ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ପୁରୁଣା କୋଠାଗୁଡିକୁ ଭାଙ୍ଗି ଦେଇ ରୂପାନ୍ତକରଣ କରିଥିଲେ। ଏଥିରେ ୧୦ଶଯ୍ୟା ବିଶିଷ୍ଟ କକ୍ଷ ସହ ଆବଶ୍ୟକ କୋଠା ନିର୍ମାଣ କରି ଗତ ୨ବର୍ଷ ୩ମାସ ପୂର୍ବେ ନବକଳେବର କରିଥିଲେ। ହେଲେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିନଥିଲେ। ଅସ୍ଥାୟୀ ଭାବେ ଜଣେ ଡାକ୍ତର କିଛି ବର୍ଷ ଥିଲେ ମଧ ସେ ଠିକ ଭାବରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଚାଳନା କରିପାରୁନଥିଲେ। ଗତ ୧୫ମାସ ପୂର୍ବେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତ ହୋଇଥିଲେ ମଧ ତାଙ୍କର ଦେହ ଅସୁସ୍ଥ ଥିବାରୁ ସେ ଛୁଟିରେ ଥିବା ସୂଚନା ଦେଇଛନ୍ତି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ଜ୍ୱର, କାଶ, ଥଣ୍ଡା ହେଲେ ଅଞ୍ଚଳର ରୋଗୀମାନେ ଘରୋଇ ହସ୍ପିଟାଲ କିମ୍ବା ଏଠାରୁ ୩କିମି ଦୂରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ତେବେ ଏଠାରେ ଆଉ ଜଣେ ଡାକ୍ତରଙ୍କୁ ନିଯୁକ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପି. କେ. ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସେହି ପଦବୀଟି ବର୍ତ୍ତମାନ ଖାଲି ଅଛି। କିନ୍ତୁ ଦୁଇଦିନ ହେଲା ଡେପୁଟେସନରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି।

